## ଦୋକାନ ଖୋଲିବା ମହଙ୍ଗା ପଡ଼ିଲା

ରସାଳପୁର,(ଡି.ଏନ.ଏ.): ରଜପର୍ବରେ ଭଲ ବେପାର ହେବାର ଆଶା କରି ବାଲେଶ୍ୱର ଜିଲା ସଦର ଥାନା ଅଧୀନ ସାଉଁଛକ ମାର୍କେଟ୍ କମ୍ପ୍ଲେକ୍ସରେ ୩ଟି ଦୋକାନ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଖୋଲା ରହିଥିଲା। ପୋଲିସ ଭ୍ୟାନ୍ ଦେଖି ୨ଜଣ ଦୋକାନୀ ଦୋକାନ ଛାଡ଼ି ଚମ୍ପଟ ମାରିଥିବା ବେଳେ ଜଣେ ଦୋକାନୀ ଖସିଯିବାକୁ ସୁଯୋଗ ପାଇ ନ ଥିଲେ। ପୋଲିସ ସେମାନଙ୍କଠାରୁ ଜରିମାନା ଆଦାୟ କରିଛି। ମା' ବାସୁଳୀ ଲୁଗା ଦୋକାନରୁ ୫ଶହ ଜରିମାନା ଆଦାୟ କରାଯାଇଥିବା ବେଳେ ମହାଲକ୍ଷ୍ମୀ ଜୁଏଲେରୀ ମାଲିକ ପ୍ରଫୁଲ୍ଲ ବେହେରା ଘଣ୍ଟାଏରୁ ଉର୍ଦ୍ଧ୍ୱ ସମୟ ଲୁଚି ରହିଥିବାରୁ ତାଙ୍କଠାରୁ ୧ହଜାର ଟଙ୍କା ପୋଲିସ ଆଦାୟ କରିଛି।

# 'ଗୁହାରି ଶୁଣ, ନାତୁଣୀ ନାତିଙ୍କୁ ଦୟାକର'

ଭଦ୍ରକ ଅଫିସ, ୧୪।୬

କରୋନା ଉଜାଡ଼ି ଦେଇଛି ସଂସାର। ଅନାଥ ହୋଇଗଲେ ୩ ସନ୍ତାନ। ଠିକ୍ ବର୍ଷକ ତଳେ ଏକ ଅଜଣା ରୋଗରେ ମା'ଙ୍କୁ ହରାଇଥିଲେ। ଆଉ ଏବେ କରୋନା ସେମାନଙ୍କ ବାପାଙ୍କୁ ଛଡ଼ାଇନେଲା। ସେହିପରି ରୋଜଗାରିଆ ପୁଅକୁ ହରାଇ ବୃଦ୍ଧ ମା' ବାପା ଦୁଃଖରେ ଭାଙ୍ଗି ପଡ଼ିଛନ୍ତି। ପୁଅବୋହୂଙ୍କୁ ହରାଇ ବୃଦ୍ଧ ଦମ୍ପତିଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଥିବା ବେଳେ ବୟସର ଅପରାହ୍ନରେ ଅନାଥ ୩ ନାତି ନାତୁଣୀଙ୍କ ଦାୟିତ୍ୱ ବୋଝ ଉପରେ ନଳିତା ବିଡ଼ା ସଦୃଶ ହୋଇଛି। ଏଭଳି ସ୍ଥିତିରେ ସରକାରଙ୍କ ପକ୍ଷରୁ ସାହାଯ୍ୟ ପାଇଁ ଆକୁଳ ନିବେଦନ କରିଛନ୍ତି ଏହି ବୃଦ୍ଧ ଦମ୍ପତି। ଆମ ଗୁହାରି ଟିକେ ଶୁଣ, ନାତି ନାତୁଣୀଙ୍କୁ ଦୟା କର ବୋଲି ସେମାନେ ନିବେଦନ କରୁଛନ୍ତି। ଏଭଳି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି ଭଦ୍ରକ ଜିଲା ତିହିଡ଼ି ନନ୍ଦପୁର ଗ୍ରାମରେ।

ଏହି ଗ୍ରାମର ଶୁକଦେବ ନାଥଙ୍କ ସ୍ତ୍ରୀ, ଏକମାତ୍ର ପୁଅ ମନୋଜ, ୨ ନାତୁଣୀ ଓ ନାତିକୁ ନେଇ ତାଙ୍କ ପରିବାର ଚାଲିଥିଲା। ମନୋଜ ଅଟୋ ଚଲାଇ ପରିବାର ପ୍ରତିପୋଷଣ କରୁଥିଲେ। କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହେବାରୁ ଚିକିତ୍ସା ପାଇଁ ଭଦ୍ରକ କୋଭିଡ୍ କେୟାର ସେଣ୍ଟରରେ ଭର୍ତ୍ତି ହୋଇଥିଲେ। ଗତ ୩ ତାରିଖରେ ତାଙ୍କର ମୃତ୍ୟୁ ହୋଇଛି। ଗତବର୍ଷ କରୋନା ମହାମାରୀ ସମୟରେ ବୋହୂ କନକଲତା କେଉଁ ଅଜଣା ରୋଗରେ ଆରପାରିକୁ ଚାଲିଯାଇଥିଲେ। ଆଉ ଏବେ ପୁଅର ମୃତ୍ୟୁ ପରେ ସେମାନେ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଛନ୍ତି। କୌଣସି ରୋଜଗାର ନ ଥିବାବେଳେ ଶୁକଦେବଙ୍କୁ ୩ ନାତିନାତୁଣୀଙ୍କ ଭରଣପୋଷଣ ଚିନ୍ତା ଘାରିଛି। ଏହି ଅସହାୟ ପରିବାରକୁ



ଜେଜେ ଶୁକଦେବ ନାଥଙ୍କ ସହ ନାତୁଣୀନାତି।

### ବୃଦ୍ଧ ଦମ୍ପତିଙ୍କ ଉପରେ ୩ ପିଲାଙ୍କ ବୋଝ

ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷେ କରୋନାରେ ମନୋଜଙ୍କ ମୃତ୍ୟୁ ହେବା ପରେ ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଘରକୁ ଯାଇ ସବିଶେଷ ତଥ୍ୟ ଜିଲା ପ୍ରଶାସନକୁ ପ୍ରଦାନ କରିଛି। କରୋନା ମହାମାରୀରେ ଅନାଥ ହୋଇଥିବା ପରିବାର ପ୍ରତି ସରକାରଙ୍କ ସମବେଦନା ସହ ସମସ୍ତ ସାହାଯ୍ୟ ସହଯୋଗ ଯୋଗାଇ ଦିଆଯିବ। ଯଥାଶୀଘ୍ର ଏହି ପରିବାର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ କହିଛନ୍ତି।

## ସଂକ୍ଷେପରେ

### ସହର ରାସ୍ତାରେ ଟ୍ରକ୍ ଲାଇନ୍



କେନ୍ଦୁଝର, ୧୪।୬(ସ୍ୱ.ପ୍ର.): କେନ୍ଦୁଝର ସହରର ବିଭିନ୍ନ ରାସ୍ତାରେ ବିଭିନ୍ନ ପ୍ରକାର ଭାରିଯାନ ଦିନରାତି ଛିଡ଼ା ହୋଇ ରହୁଥିବାରୁ ଯାତାୟାତ ବ୍ୟାହତ ହେବା ସହ ଦୁର୍ଘଟଣାର କାରଣ ହେଉଛି। କଲେଜ୍ ରୋଡ ସମେତ ଅନ୍ୟାନ୍ୟ ରାସ୍ତାରେ ଟ୍ରକ୍ ଲମ୍ବା ଧାଡ଼ିରେ ଛିଡ଼ା ହୋଇ ରହୁଥିବାରୁ ଲୋକେ ଯାତାୟାତ କରିବାରେ ହଇରାଣ ମଧ ହେଉଛନ୍ତି। ଏହାକୁ ନେଇ ସ୍ଥାନୀୟ ପ୍ରଶାସନ ଚୁପ୍ ବସିଥିବାରୁ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ତୁରୁମୁଙ୍ଗା ଥାନା ଖୀରେଇଟାଙ୍ଗିରି ନିକଟରେ ଏନ୍ଏଚ୍ ୪୯ରେ ଠିଆ ହୋଇଥିବା ଏକ ଟ୍ରକ୍ ପଛରେ ଏକ ବୋଲେରୋ ଧକ୍କା ଦେବାରୁ ୨ଜଣଙ୍କ ମୃତ୍ୟୁ ଘଟିଛି। ଏଣୁ ଏନେଇ କୌଣସି ଅଘଟଣ ଘଟିବା ପୂର୍ବରୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

### ଚିକିତ୍ସାରେ ଅର୍ଥ ବାଧକ

ପାଟଣା,୧୪।୬(ସ୍ୱ. ପ୍ର.)
ଅସହାୟ ଓ ଗରିବ ଲୋକଙ୍କ କଲ୍ୟାଣ ପାଇଁ ସରକାର ବହୁ ସ୍ୱାସ୍ଥ୍ୟ ଯୋଜନା କରିଥିଲେ ହେଁ ୯୦ ପ୍ରତିଶତ ଭିନ୍ନକ୍ଷମ ରୋଗରେ ପୀଡିତ ହେବା ପରେ ସ୍ୱାସ୍ଥ୍ୟ ସେବା ପାଇବାରେ ବଞ୍ଚିତ ହେଉଛନ୍ତି। କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ଝାଟିପଡା ଗାଁର ଟୁଣ୍ଟୁ ନାଏକ (୪୭) ୧୦ ଦିନ ହେବ ପେଟ ଯନ୍ତ୍ରଣା ଭୋଗିବା ପରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଲଟ୍ରାସାଉଣ୍ଡ କରିଥିଲେ। ତାଙ୍କ କିଡ୍ନୀରେ ଷ୍ଟୋନ ହୋଇଥିବା ଜଣାପଡ଼ିଥିଲା। ଜନ୍ମରୁ ତାଙ୍କର ୨ହାତ ନାହିଁ। ଘରେ ତାଙ୍କର ସ୍ତ୍ରୀ ଏବଂ ଗୋଟିଏ ଝିଅ। ଘରେ ରୋଜଗାରକ୍ଷମ ବ୍ୟକ୍ତି କହିଲେ ତାଙ୍କୁ ହିଁ ବୁଝାଏ। କିନ୍ତୁ ଏବେ ଦେହ ଖରାପ ଥିବାରୁ ସେ କୌଣସି କାମ କରିପାରୁ ନାହାନ୍ତି। ସାହା କେବଳ ଭିନ୍ନକ୍ଷମ ଭତ୍ତା ଗଣ୍ଡାକ। ଏଭଳି ସ୍ଥଳେ ଅସ୍ତ୍ରୋପଚାର ପାଇଁ ତାଙ୍କ ପାଖରେ ଟଙ୍କା ନାହିଁ। କାହାଠାରୁ ସହାୟତା ନ ପାଇ ଘରେ ଯନ୍ତ୍ରଣା ଭୋଗୁ ଥିବା ବେଳେ ଗାଁ ଓ ସ୍ଥାନୀୟ କେତେକ ବ୍ୟକ୍ତିଙ୍କ ଠାରୁ ଆର୍ଥିକ ସହାୟତା ପାଇ ତାଙ୍କୁ ଶୁକ୍ରବାର କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ସଠାରେ ତାଙ୍କର ପରୀକ୍ଷା ପରେ ହୃଦ୍‌ରୋଗ ଥିବାର ଜଣା ପଡିଛି। ଏକାସଙ୍ଗେ ଦୁଇ ଦୁଇଟି ଅସ୍ତ୍ରୋପଚାର ପାଇଁ ଲକ୍ଷାଧିକ ଟଙ୍କା ଦରକାର। ସେଥିପାଇଁ ସେ ଭାଙ୍ଗିପଡ଼ିଛନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ସହାୟତା କରିବାକୁ ସ୍ଥାନୀୟ ଲୋକେ ନିବେଦନ କରିଛନ୍ତି।

### ଜିଲାସ୍ତରୀୟ ବିଶ୍ୱ ରକ୍ତଦାତା ଦିବସ

କେନ୍ଦୁଝର, ୧୪।୬(ଡି.ଏନ୍.ଏ.): କେନ୍ଦୁଝର ଜିଲା ସଦର ମହକୁମା ଡାକ୍ତରଖାନା ପରିସରରେ ବିଶ୍ୱ ରକ୍ତଦାତା ଦିବସ କୋଭିଡ-୧୯ ମାର୍ଗଦର୍ଶିକା ଅନୁପାଳନ ସହିତ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଶୋକ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡା. କାର୍ଲଲାଣ୍ଡଷ୍ଟେନଙ୍କ ସ୍ତୁତିଚାରଣ କରିବା ସହ ଏକ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ରକ୍ତଦାନ ନିମନ୍ତେ ସଚେତନ କରାଇବ। ଏହି କାର୍ଯ୍ୟକ୍ରମରେ ରକ୍ତ ଭଣ୍ଡାର ଅଧିକାରୀ ଡାକ୍ତର ରମାକାନ୍ତ ମୁଣ୍ଡା, ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ପୀତବାସ ମିଶ୍ର, ଡିପିଏମ୍ ଦିଲ୍ଲୀପ କୁମାର ଦୁବେ, ଜିଲା ରେଡକ୍ରସ ଯୁଗ୍ମ ସଂପାଦକ ଏଆର୍ ଖାନଙ୍କ ସମେତ ବହୁ ଡାକ୍ତର ଓ କର୍ମଚାରୀ ବୃନ୍ଦ ଉପସ୍ଥିତ ଥିଲେ।

### ବିଜୟଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ସଜନାଗଡ଼, ୧୪।୬(ଡି.ଏନ.ଏ.):** ବିଜୁ ଜନତା ଦଳର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କୁ ବାଲେଶ୍ୱର ଜିଲା ନୀଳଗିରିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସୋମବାର ସ୍ଥାନୀୟ ଗୁଣ୍ଡିଚା ମନ୍ଦିର ନିକଟରେ ବହୁ ବୁଦ୍ଧିଜୀବୀ, ମାନ୍ୟଗଣ୍ୟ ବ୍ୟକ୍ତି ଓ ନୀଳଗିରିର ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ବିଜୟଶ୍ରୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କର ଜୀବନଶୈଳୀ ଉପରେ ଆଲୋଚନା ହୋଇଥିଲା। ବିଧାୟକ ନାୟକ କହିଥିଲେ ଯେ, ବିଜୟଶ୍ରୀଙ୍କ କାର୍ଯ୍ୟଶୈଳୀ ପାଇଁ ବାସୁଦେବପୁର ଜନସାଧାରଣ ତାଙ୍କୁ ବହୁବାର ବିଧାୟକ ଭାବେ ନିର୍ବାଚିତ କରିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ନୀଳଗିରିର ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, ଦୀପ୍ତିକାନ୍ତ ମହାପାତ୍ର, ଗଙ୍ଗାଧର ମିଶ୍ର ପ୍ରମୁଖ ଉପସ୍ଥିତ ରହି କରୋନା କଟକଣାକୁ ମାନି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ।

## ବର୍ଷାରେ ଭାଙ୍ଗିଲା ସୀତାବିଞ୍ଜି ପାଚେରି



ଭାଙ୍ଗି ଯାଇଥିବା ପାଚେରି।

ଢେଙ୍କିକୋଟ, ୧୪।୬(ଡି.ଏନ.ଏ.)

କେନ୍ଦୁଝର ଜିଲା ପୌରାଣିକ ଶକ୍ତିପୀଠ ସୀତାବିଞ୍ଜି ଏକ ଐତିହ୍ୟସ୍ଥଳୀ। ଏହାର ବହୁ ପୌରାଣିକ ବ୍ୟାଖ୍ୟା ରହିଛି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ଏହା ଏବେ ନଷ୍ଟ ହେବାକୁ ବସିଛି। ଏଠାରେ ପୌରାଣିକ ଯୁଗର ଶିଳାଲିପି, ଭଣ୍ଡାର ଘର, ଲବକୁଶଙ୍କ ଏନ୍ତୁଡ଼ିଶାଳ, ମା' ସୀତା ଠାକୁରାଣୀଙ୍କ ମନ୍ଦିର ପ୍ରଭୃତି ବହୁ ଦର୍ଶନୀୟ ସ୍ଥାନ ରହିଛି। ଏ ସବୁ ଭାରତ ସରକାରଙ୍କ ଆର୍କଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ଜଗାରଖା ଦାୟିତ୍ୱରେ ରହିଛି। ଏହି ସଂସ୍ଥା ଦ୍ୱାରା ୨ବର୍ଷ ତଳେ ୫ କୋଟି ଟଙ୍କା ବ୍ୟୟରେ ଦିଲ୍ଲୀର ଏକ ଠିକାଦାର ସଂସ୍ଥା ଦ୍ୱାରା ସୀତାବିଞ୍ଜି ପ୍ରତ୍ନତତ୍ତ୍ୱର ଜମିକୁ ଚିହ୍ନଟ କରାଯାଇ ପ୍ରାଚୀର ନିର୍ମାଣ କରାଯାଇଥିଲା ମାତ୍ର ଉକ୍ତ ପ୍ରାଚୀର ନିମ୍ନମାନର ନିର୍ମାଣ ହୋଇଥିବାରୁ ତାହା ଧୀରେ ଧୀରେ ଭାଙ୍ଗିବାରେ ଲାଗିଛି। ଲଘୁଚାପ ଜନିତ ବର୍ଷା ଯୋଗୁଁ ମୁଖଶାଳା ପ୍ରାଚୀର ଭାଙ୍ଗି ମାଟିରେ ମିଶିଯାଇଛି। ଏହି ସଂସ୍ଥା ଦ୍ୱାରା ଭାରତ ସରକାରଙ୍କ ଦ୍ୱାରା ୨ ଜଣ ଜଗୁଆଳି ଥିଲେ। ମାତ୍ର ବର୍ତ୍ତମାନ ଏଠାରେ ଜଗୁଆଳି କେହି ନାହାନ୍ତି। ରକ୍ଷଣାବେକ୍ଷଣ ଅଭାବ ଯୋଗୁ ପ୍ରାଚୀର ଭିତରେ ଅବାଧରେ ଗାଈ, ଛେଳି ସାଙ୍ଗକୁ ଅବାଧ ପର୍ଯ୍ୟଟକଙ୍କ ପ୍ରବେଶ ପରିବେଶକୁ ନଷ୍ଟ କରୁଛି। ତୁରନ୍ତ ଏଥିପ୍ରତି ପ୍ରତ୍ନତତ୍ତ୍ୱ ବିଭାଗ ଦୃଷ୍ଟି ଦେବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଇରମରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ବାସୁଦେବପୁର, ୧୪।୬ (ଡି.ଏନ.ଏ.)



ଭଦ୍ରକ ଜିଲା ବାସୁଦେବପୁରର ରକ୍ତତୀର୍ଥ ଇରମକୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆଗମନର ଶହେ ବର୍ଷ ପୂର୍ତ୍ତି ଅବସରରେ ସୋମବାର ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ଗୋପବନ୍ଧୁଙ୍କର ଏକ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି। ଏହି ଅବସରରେ ସତ୍ୟସାଇ ସେବା ସଙ୍ଗଠନ ଶହୀଦ ସ୍ମୃତି କମିଟି ଓ ଗୋପବନ୍ଧୁ ଶତବାର୍ଷିକ କମିଟିର ମିଳିତ ଉଦ୍ୟମରେ ଇରମ ଉଆସ ପରିସରରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସତ୍ୟସାଇ ସେବା ସଙ୍ଗଠନର ପୂର୍ବତନ ରାଜ୍ୟ ସଭାପତି ହରିକୃଷ୍ଣ ଦାସ ଯୋଗ ଦେଇ ସେବା ହିଁ ଗୋପବନ୍ଧୁଙ୍କର ଏକମାତ୍ର ବ୍ରତ ଥିଲା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସଚ୍ଚିଦାନନ୍ଦ ନନ୍ଦ, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଷ୍ଣୁମୋହନ ନାୟକ, ଅନିରୁଦ୍ଧ ଦାସ ପ୍ରମୁଖ ସତ୍ୟସାଇ ସେବା ସଙ୍ଗଠନର ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇଥିଲେ। ଗଙ୍ଗାଧର ପଣ୍ଡା ସଭାପତିତ୍ୱ ଓ ପୂର୍ବତନ ଅଧ୍ୟାପକ ଭାଗୀରଥି ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରବଚକ ଗୋପାଳ ବେଜ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପୂର୍ବତନ ଅଧକ୍ଷ କଟଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ। ଏହି ଅବସରରେ 'ଇରମରେ ଉତ୍କଳମଣି' ପୁସ୍ତିକା ଉନ୍ମୋଚନ କରାଯାଇଥିଲା।




## ଓଡ଼ିଶା ସଂସ୍କୃତି, ଲୋକକଳା ନିଆରା

କେନ୍ଦୁଝର, ୧୪।୬(ଡି.ଏନ୍.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ପ୍ରଶାସନ ଆନୁକୂଲ୍ୟରେ ଭର୍ଚୁଆଲ ମାଧ୍ୟମରେ ଜିଲାସ୍ତରୀୟ ଲୋକକଳା ଦିବସ ସୋମବାର ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ଆଶିଷ ଠାକରେ ଜିଲାର ସମସ୍ତ କଳାକାର, ଶିଳ୍ପୀ ଓ ଲୋକକଳାର ସାଧକମାନଙ୍କୁ ଲୋକକଳା ଦିବସ ତଥା ରଜପର୍ବ ଅବସରରେ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ। ଜିଲାପାଳ ଉଦ୍‌ବୋଧନ ଦେଇ କହିଥିଲେ ଯେ, ଲୋକକଳା ଓ ସଂସ୍କୃତି ଗୋଟିଏ ଜାତିର ଆଧାର ଓ ପରିଚୟ। ଓଡିଶା ସଂସ୍କୃତି ଓ ଲୋକକଳା ନିଆରା। ଏହା ଅତି ପ୍ରାଚୀନ। ଆଧୁନିକତାର ପ୍ରଭାବରେ ଅବକ୍ଷୟମୁଖୀ ଲୋକକଳାକୁ ଉଦ୍ଧାର କରି ଏହାର ଅଭିବୃଦ୍ଧି ଘଟାଇବା। ଜିଲାରେ କଳାକାରମାନଙ୍କ ପାଇଁ ପ୍ରକୃଷ୍ଟ ମଞ୍ଚ ଯୋଗାଇ ଦେବା ନିମନ୍ତେ ଜିଲା ସଂସ୍କୃତି ଭବନକୁ ଖୁବଶୀଘ୍ର କାର୍ଯ୍ୟକ୍ଷମ କରାଯିବ ବୋଲି କହିବା ସହିତ ଅନ୍ୟ ପ୍ରେକ୍ଷାଳୟ ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ (ରାଜସ୍ୱ) ସନ୍ତୋଷ କୁମାର ନାୟକ ଯୋଗଦେଇଥିଲେ। ଭର୍ଚୁଆଲ ମାଧ୍ୟମରେ ଏହି କାର୍ଯ୍ୟକ୍ରମରେ ଜିଲାର ସମସ୍ତ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି, ସଦସ୍ୟ କଳାକାର, ଶିଳ୍ପୀ ଓ ଗୁରୁ ଅଂଶଗ୍ରହଣ କରିଥିଲେ।

## ମଦ ବିକ୍ରିକୁ ମହିଳାଙ୍କ ବିରୋଧ

କେନ୍ଦୁଝର, ୧୪।୬(ସ୍ୱ.ପ୍ର.)

ଗ୍ରାମାଞ୍ଚଳରେ ଖୋଲା ଖୋଲି ବିକ୍ରି ହେଉଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ସହ ଗଞ୍ଜେଇ, ଡ୍ରଗସ ବ୍ୟବସାୟ ଯୋଗୁ ବହୁ ଘର୍ ପରିବାର ଉଜୁଡ଼ି ଯାଉଥିବା ବେଳେ ଅପରାଧ ଓ ହିଂସା ବଢୁଛି। ଏଭଳି ସମସ୍ୟା ପ୍ରତିବାଦରେ ହରିଚନ୍ଦନ ପୁର ବ୍ଲକ ପିଟାପିଟି ପଞ୍ଚାୟତ ଖାଡ଼ପୋଖରୀ ଗ୍ରାମରେ ମଦ ବିରୋଧୀ ଆନ୍ଦୋଳନ କରାଯାଇଛି। ଏନେଇ ରବିବାର ଗ୍ରାମର ଶତାଧିକ ମହିଳା ଏବଂ ପୁରୁଷ ଏକତ୍ରିତ ହୋଇ ଦେଶୀ ବିଦେଶୀ ମଦ ସହ ଗଞ୍ଜେଇ ବ୍ୟବସାୟ କରୁଥିବା ଲୋକଙ୍କୁ ତାଗିଦ କରିଥିଲେ। ମଦ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇ ଗ୍ରାମକୁ ଶୃଙ୍ଖଳିତ ଓ କୋଭିଡ ସଚେତନତା ସୃଷ୍ଟି କରିବା ପାଇଁ ମହିଳାମାନେ ଗାଁ ଗାଁ ବୁଲିଥିଲେ। ଏନେଇ ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗ ପାଖରେ ଖବର ଥିଲେ ମଧ ଚୁପ ହୋଇ ରହୁଥିବା ଅଭିଯୋଗ ହେଉଛି। ହେଲେ ଆଉ ଚୁପ ରହିଲେ ଚଳିବ ନାହିଁ, ଏଥର ମହିଳାମାନେ ଏକତ୍ରିତ ହୋଇ ନିଜ ଗ୍ରାମରୁ ମଦ ବିକ୍ରିକୁ ବନ୍ଦ କରିବା ପାଇଁ ଅଣ୍ଟା ଭିଡ଼ି ଆଗକୁ ଆଗେଇ ଆସିଛନ୍ତି । ଗ୍ରାମରେ ମଦ ବିକ୍ରି ବନ୍ଦ କରିବା ପାଇଁ ପ୍ରଥମେ ଚେତାବନୀ ଦିଆଯାଇଛି । ଏହାକୁ ବ୍ୟତିକ୍ରମ କଲେ ଆଗାମୀ ଦିନରେ ମଦ ବିରୋଧି ଆନ୍ଦୋଳନ ତୀବ୍ର ରୂପ ନେବ ବୋଲି ଚେତାବନୀ ଦିଆଯାଇଛି । ଗ୍ରାମର ଅଙ୍ଗନୱାଡି କର୍ମୀ ବିଳାସ ମଞ୍ଜରୀ ସାହୁ, ଆଶାକର୍ମୀ ଦମୟନ୍ତୀ ନାଏକ, ୱାର୍ଡ ମେମ୍ବର ସୁଶୀଳା ସାହୁ, ନମିତା ସାହୁଙ୍କ ସମେତ ଶତାଧିକ ମହିଳା କୋଭିଡ କଟକଣାକୁ ପାଳନ କରି ଆନ୍ଦୋଳନକୁ ଓହ୍ଲାଇଥିଲେ।



ମଦବିରୋଧୀ ଆନ୍ଦୋଳନରେ ସାମିଲ ହୋଇଥିବା ମହିଳା।

## କଟକଣାରେ ସରିଲା ପ୍ରଥମ ରଜ

କେନ୍ଦୁଝର/ଢେଙ୍କିକୋଟ, ୧୪।୬ (ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ପୁରପଲ୍ଲୀରେ ନିରାଡ଼ମ୍ବର ଭାବେ କରୋନା କଟକଣା ମାନି ରଜ ପାଳନ ହୋଇଛି। ବିଶେଷ କରି ଅନେକ ନୂଆ ଲୁଗା ପିନ୍ଧି ଏବଂ ଘରେ ରହି ଦୋଳି ତଥା ଲୁଡୁ ଆଦି ଖେଳ ଖେଳି କଟାଇଛନ୍ତି। ପ୍ରତ୍ୟେକ ବର୍ଷ ହୋଇ ଆସୁଥିବା ଘଟଗାଁ ବ୍ଲକ ବୀଣାଝରୀ, ଢେଙ୍କିକୋଟର ସୀତାବିଞ୍ଜି, ଟିକିରା, ସଦର ବ୍ଲକ ପୁରୁଳିଆ, ବିସ୍ତାପାଳ ଆଦି ଗ୍ରାମରେ ଚଳିତ ବର୍ଷ ରଜ ମହୋତ୍ସବ ପାଳନ ହୋଇ ପାରି ନ ଥିବାରୁ ଲୋକଙ୍କ ମଧ୍ୟରେ ନିରାଶ ଦେଖାଦେଇଛି। ପାଗ ଅନୁକୂଳ ସତ୍ତ୍ୱେ ଲୋକେ ଦୋଳି ଖେଳିବାକୁ ପଦାକୁ ବାହାରି ନାହାନ୍ତି। ଲୁଗା ଏବଂ ଡ୍ରେସ ଦୋକାନ ବନ୍ଦ ଥିବାରୁ ରଜରେ ବହୁତ ଲୋକ ନୂଆ ପିନ୍ଧିପାରି ନାହାନ୍ତି। ବାଧ୍ୟ ହୋଇ ଅନେକ ଦୋକାନୀ ଗ୍ରାହକଙ୍କ ଚାପରେ ଲୁଚାଛପା ଦୋକାନ ଖୋଲି କିଣାବିକା କରିଥିବା ଜଣାପଡ଼ିଛି।

## ବିଜୟଶ୍ରୀଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ସ୍ମୃତିସଭା



ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସଭାକୁ ଉଦ୍‌ଘାଟନ କରୁଛନ୍ତି।

ବାସୁଦେବପୁର, ୧୪।୬ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ନୀଳମଣି ଟାଉନହଲ୍ ପରିସରରେ ସୋମବାର ପୂର୍ବତନ ମନ୍ତ୍ରୀ, ବିଧାୟକ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ରାଉତରାୟଙ୍କ ଦୁଇପୁଅ ଦୁର୍ଗାଦତ୍ତ ରାଉତରାୟ ଓ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ଆହ୍ୱାନକ୍ରମେ ଆୟୋଜିତ ଏହି ସଭାରେ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ବିଜୟଶ୍ରୀ ଜଣେ ସ୍ପଷ୍ଟବାଦୀ ଓ ଆତ୍ମବିଶ୍ୱାସୀ ରାଜନେତା ଥିଲେ ବୋଲି ସେ ମତବ୍ୟକ୍ତ କରିଥିଲେ। ବାଲେଶ୍ୱର ଜିଲା ୨୧ ନଂ. ଜୋନର ଜିଲା ପରିଷଦ ସଭ୍ୟା ନିରୋଦପ୍ରଭା ପଣ୍ଡା, ବିଧାୟକଙ୍କ ପ୍ରତିନିଧି ଅସିତ ଦାସ, ଭାଜପାର ରାଜ୍ୟ ସମ୍ପାଦକ ଅଭିମନ୍ୟୁ ସେଠୀ, ଦୁର୍ଗା ଦାସ, ଅଶୋକ ସାହୁ, ଉମାକାନ୍ତ ଖୁଣ୍ଟିଆ, ସରପଞ୍ଚ ଦୀନବନ୍ଧୁ ଦାସ, ପୂର୍ବତନ ସରପଞ୍ଚ ଭାଗୀରଥି ବଳ, ସାମାଜିକ କର୍ମୀ ମାନସ ମହାନ୍ତି, ଏବିଭିପିର ବରିଷ୍ଠ କର୍ମକର୍ତ୍ତା ରମେଶ ଚନ୍ଦ୍ର ବେହେରା, ଓକିଲ ସଂଘର ପୂର୍ବତନ ସଭାପତି ନରେନ୍ଦ୍ର ବାରିକ, ଅଧକ୍ଷ ଶରତ ପଣ୍ଡା, ସ୍ନିଗ୍ଧା ମହାନ୍ତି, ପୂର୍ବତନ ଅଧକ୍ଷ ସୂର୍ଯ୍ୟମଣି ଶତପଥୀ, ଅକ୍ଷୟ ପଣ୍ଡା, କିଶୋର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ତହସିଲଦାର ସୌମ୍ୟଶ୍ରୀ ପାଣିଗ୍ରାହୀ, ବିଡିଓ ପ୍ରଣବ ବେହେରା, ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ଭଜହରି ସାହୁ, ଚୁଡ଼ାମଣି ସାମୁଦ୍ରିକ ଥାନାଧିକାରୀ ମହମ୍ମଦ ହାଫିଜ ପ୍ରମୁଖ ଯୋଗ ଦେଇଥିଲେ।

## ଯୋଜନାରେ ଅଟକିଛି ଜୁଆଙ୍ଗଙ୍କ ବିକାଶ

କେନ୍ଦୁଝର, ୧୪।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ପୁରାତନ ଜନଜାତି ଜୁଆଙ୍ଗଙ୍କ ବିକାଶ ପାଇଁ ସରକାର ବହୁ ଯୋଜନା ପ୍ରସ୍ତୁତ କରି ଅର୍ଥ ଖର୍ଚ୍ଚ କରୁଛନ୍ତି । କିନ୍ତୁ ଉପର ସ୍ତରରେ ଉପଯୁକ୍ତ ତଦାରଖ ଅଭାବରୁ ସେସବୁ ଯୋଜନା ବାଟମାରଣାରେ ଯାଉଥିବା ବେଳେ ଜୁଆଙ୍ଗ ମାନଙ୍କ ଅବସ୍ଥାରେ ସୁଧାର ଆସୁନାହିଁ । ସେମାନଙ୍କ ପାଇଁ ସରକାରଙ୍କ ଜୀବିକା ନିର୍ବାହ ପାଇଁ କାର୍ଯ୍ୟକାରୀ ହୋଇଥିବା ଯୋଜନା ବୋର୍ଡ ମଧ୍ୟରେ ସୀମିତ ହୋଇ ରହିଛି । ଚାଷ ଓ ଜଙ୍ଗଲ ଉପରେ ନିର୍ଭର କରି ଚଳୁଛନ୍ତି ।

ଏଭଳି ଅବହେଳିତ ହୋଇ ରହିଛି ଘଞ୍ଚ ଜଙ୍ଗଲ ଓ ପାହାଡ ପରିବେଷ୍ଟିତ ବାଂଶପାଳ ବ୍ଲକ ଅନ୍ତର୍ଗତ ବାରାଗଡ ପଞ୍ଚାୟତର ଉପରବାଲି ଜୁଆଙ୍ଗ ଗ୍ରାମ। ଏହି ଗ୍ରାମରେ ପାଖାପାଖି ୫୦ ଜୁଆଙ୍ଗ ପରିବାର ରହୁଛନ୍ତି । ଏହି ଗ୍ରାମକୁ କରୋନା ବ୍ୟାପି ନ ଥିବାବେଳେ କେହି ଆକ୍ରାନ୍ତ ହୋଇ ନାହାନ୍ତି। ଗ୍ରାମକୁ ରାସ୍ତା ଅଛି କିନ୍ତୁ ଅନେକ ସ୍ଥାନରେ ଭାଙ୍ଗିଯାଇଥିବାରୁ ଯାତାୟାତ ସୁରକ୍ଷିତ ନୁହେଁ। ଏଣୁ ଚାଉଳ ପାଇଁ ପଞ୍ଚାୟତକୁ କିମ୍ବା ସ୍ୱାସ୍ଥ୍ୟ ସେବା ପାଇଁ କାଞ୍ଜିପାଣିକୁ ବିପଦସଙ୍କୁଳ ଜଙ୍ଗଲ ରାସ୍ତାରେ ଯାତାୟାତ କରୁଥିବା କହିଛନ୍ତି। ପଞ୍ଚାୟତରେ ସମସ୍ତ ଲୋକଙ୍କୁ ବିଭିନ୍ନ ଆବାସ ଯୋଜନାରେ କଂକ୍ରିଟ ଘର ମିଳିନାହିଁ। ଫଳରେ ଭଙ୍ଗାଦଦରା ଘରେ ରହିବାକୁ ବାଧ୍ୟ ହେଉଛନ୍ତି। ଯେଉଁ କେତେକଙ୍କୁ ମିଳିଛି ସେସବୁ ଅସମ୍ପୂର୍ଣ୍ଣ ରହିଛି । ବାତ୍ୟାରେ ମାଡୁ ଜୁଆଙ୍ଗ ଓ ଶ୍ରୀରାମ ଜୁଆଙ୍ଗଙ୍କ ମାଟି ଘର ଭାଙ୍ଗି ଯାଇଛି, କିନ୍ତୁ ସହାୟତା ମିଳି ନ ଥିବାରୁ ବହୁ କଷ୍ଟରେ ସଜାଡି ରହୁଛନ୍ତି । ଅସ୍ୱାସ୍ଥ୍ୟକର ପରିବେଶରେ ଲୋକ ମାନେ ରହୁଥିଲେ ହେଁ ସେମାନଙ୍କୁ ସରକାର ଙ୍କ ପକ୍ଷରୁ ସେଭଳି କୌଣସି ସୁବିଧା ମିଳୁ ନ ଥିବା କହିଛନ୍ତି। ସୁଷମ ଖାଦ୍ୟ ଅଭାବ ଓ ଚିକିତ୍ସା ଅଭାବରୁ ପିଲା ମାନେ ଅପପୃଷ୍ଟି ରୋଗର ଶିକାର ହେଉଛନ୍ତି। ବିଦ୍ୟୁତ୍ ଯୋଗାଣ ହୋଇଛି କିନ୍ତୁ ବିଦ୍ୟୁତ କାଟ ହେଲେ ଅନ୍ଧାରରେ ରହୁଛନ୍ତି । ସୋଲାର ଲାଇଟ ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି କିନ୍ତୁ ଜଳୁ ନ ଥିବାରୁ ରାତିରେ ରାସ୍ତାଘାଟ ଓ ଘର ଅଗଣା ଅନ୍ଧାର ହୋଇଯାଉଛି । ହାତୀ ଓ ବନ୍ୟ ଜନ୍ତୁ ଭୟ ଘାରୁଛି ବୋଲି ଋଷି ଜୁଆଙ୍ଗ କହିଛନ୍ତି । ବ୍ଲକ ଓ ଜିଲା ମୁଖ୍ୟାଳୟ ଠାରୁ ପ୍ରାୟ ୫୦ କି.ମି. ଦୂରରେ ରହିଥିବା ଏହି ଗ୍ରାମକୁ ଗମନାଗମନର ସୁବ୍ୟବସ୍ଥା ନ ଥିବାରୁ ଅଭିଯୋଗ ଜଣାଇବାକୁ ଆସିପାରୁନାହାନ୍ତି କିମ୍ବା ସମସ୍ୟା ଜଣାଇପାରୁନାହାନ୍ତି। ଏଣୁ ଜିଲାପାଳ ସେମାନଙ୍କ ଅବସ୍ଥା ବୁଝିବା ସହ ଏନେଇ ପଦକ୍ଷେପ ନେବାକୁ ସେମାନେ ନିବେଦନ କରିଛନ୍ତି।



ଅପହଞ୍ଚ ଉପରବାଲି ଜୁଆଙ୍ଗ ଗ୍ରାମ।

अखिल भारतीय आयुर्विज्ञान संस्थान (एम्स), भुवनेश्वर
ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR
Sijua, Post : Dumuduma, Bhubaneswar - 751019
AIIMS/BBSR/ENGG/EE-2021/PET-CT/109 Dated: 14th Jun 2021
NOTICE INVITING E-TENDER
The All India Institute of Medical Sciences (AIIMS), Bhubaneswar invites e-Tender for **"Supply, Installation, Testing and Commissioning of Electrical Wiring Items, Panel & Laying of Cable for Installation of PET-CT and Cyclotron equipment at Hospital Complex, AIIMS, Bhubaneswar."** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.nic.in.**
Sd/-
Executive Engineer (Electrical)
AIIMS, Bhubaneswar

ଧରିତ୍ରୀ
DHARITRI
ମଙ୍ଗଳବାର, ୧୫ ଜୁନ ୨୦୨୧

## ଜଳିଗଲା ଦୋକାନ

**ଲଙ୍ଗଳେଶ୍ୱର,(ଡି.ଏନ.ଏ.):** ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ପଦ୍ମଡିଗି ନିକଟସ୍ଥ ହସ୍ପିଟାଲ ରୋଡ୍ ବଜାରରେ ଥିବା ଏକ ଅଟୋ ପାର୍ଟସ ସର୍ଟସର୍କିଟ୍ ଯୋଗୁ ନିଆଁ ଲାଗି ଜଳିଯାଇଛି। ସୋମବାର ଅପରାହ୍ନ ୧ଟା ବେଳେ ସନ୍ତୋଷ ସାହୁଙ୍କ ଦୋକାନ ଭିତରେ ନିଆଁ ଜଳି ଉଠିଥିଲା। ହଠାତ୍ ନିଆଁ ଆୟତ୍ତ କରି ନ ପାରିବାରୁ ଶ୍ରୀହରି ଅଟୋ ରିପେୟାରିଂ ଶପ୍‌ରେ ମଧ ନିଆଁ ଲାଗିଯାଇଥିଲା। ଆଖପାଖ ଦୋକାନୀ ଦୌଡ଼ିଯାଇ ପାଖରେ ଥିବା ଏକ ପାଣି ପମ୍ପ ସାହାଯ୍ୟରେ ପାଣି ଢାଳିବାରୁ ନିଆଁକୁ ଆୟତ୍ତ କରାଯାଇପାରିଥିଲା।



**ସଂକ୍ଷେପରେ**

## ଫକୀରମୋହନଙ୍କୁ ଶ୍ରଦ୍ଧାଞ୍ଜଳି

**ବାଲେଶ୍ୱର ଅଫିସ, ୧୪।୬:** ବାଲେଶ୍ୱରର ଯୁଗପୁରୁଷ ତଥା ଓଡ଼ିଆ ଉପନ୍ୟାସ ସାହିତ୍ୟର ସୃଷ୍ଟିକର୍ତ୍ତା ବ୍ୟାସକବି ଫକୀରମୋହନ ସେନାପତିଙ୍କ ଶ୍ରାଦ୍ଧବାର୍ଷିକରେ ଏବିଭିପି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ଏବିଭିପି କର୍ମକର୍ତ୍ତାମାନେ ବାଲେଶ୍ୱର ତରଫରୁ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିକୁ ସଫା କରି ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ସଂଯୋଜକ ତଥା ଜିଲା ସଂଯୋଜକ ସାଇପ୍ରୀତମ ସେନାପତି, ବିଭାଗ ସହ ସଂଯୋଜକ ରଜତ ପାତ୍ର, ନଗର ସହ ସମ୍ପାଦିକା ଇମନ ପଣ୍ଡା, ଜିଲା ସୋସିଆଲ ମିଡ଼ିଆ ସଂଯୋଜକ ସୁବ୍ରତ ମାଝି, ଅସୀମ ରଞ୍ଜନ ଖୁଣ୍ଟିଆ, ଜିଲା ରାଷ୍ଟ୍ରୀୟ କଳା ମଞ୍ଚ ପ୍ରମୁଖ ମହେନ୍ଦ୍ର ପ୍ରତାପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ରଜ ପାଳିଲେ ବୃଦ୍ଧାଶ୍ରମ ଅନ୍ତେବାସୀ

**ସଜନାଗଡ଼, ୧୪।୬(ଡି.ଏନ.ଏ.):** ଓଡ଼ିଶାର କୋଣ ଅନୁକୋଣରେ ରଜପର୍ବ ପାଳନ କରାଯାଉଥିବା ବେଳେ ଏକ ବୃଦ୍ଧାଶ୍ରମରେ ଅନ୍ତେବାସୀମାନେ ନିଆରା ଢ଼ଙ୍ଗରେ ପହିଲି ରଜ ପାଳନ କରିଛନ୍ତି। ବାଲେଶ୍ୱର ଜିଲା ଶେରଗଡ଼ସ୍ଥିତ ଦିବ୍ୟ ମନ୍ଦିର ବୃଦ୍ଧାଶ୍ରମରେ ବୃଦ୍ଧାମାନେ ନୂତନ ବସ୍ତ୍ର ପିନ୍ଧି, ପରସ୍ପରକୁ ମିଷ୍ଟାନ୍ନ ଖୁଆଇବା ସହିତ ପିଠା, ଆମ୍ବ, ପଣସ ଖାଇବା ସହିତ ଭଜନ କୀର୍ତ୍ତନ କରି ଦୋଳିରେ ପରସ୍ପରକୁ ଝୁଲାଇ ମଜା ନେଇଥିଲେ। ଆଶ୍ରମ ସମ୍ପାଦକ ଜନ୍ମେଜୟ ଶତପଥୀ, ବିରେନ୍ଦ୍ର ପୋଥାଳ, ସୁଶାନ୍ତ କୁମାର ନାୟକ, ହରିଶଚନ୍ଦ୍ର ପ୍ରଧାନ ପ୍ରମୁଖ ପହିଲି ରଜକୁ ଉପଭୋଗ କରିବା ସହ ସହଯୋଗ କରିଥିଲେ।

## ଆକାଉଣ୍ଟରୁ ୬୯ହଜାର ୫ଶହ ଠକେଇ

**କପ୍ତିପଦା,୧୪।୬(ଡ଼ି.ଏନ୍.ଏ):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଜୟଘୁଣ୍ଟିଆ ଗ୍ରାମର ଦେବାଶିଷ ପ୍ରିୟଦର୍ଶୀ ବେହେରା ସାଇବର ଠକେଇର ଶିକାର ହୋଇଛନ୍ତି। ତାଙ୍କ ଆକାଉଣ୍ଟରୁ ଠକମାନେ ୬୯ ହଜାର ୫ଶହ ଟଙ୍କା ଉଠାଇ ନେଇଛନ୍ତି। ସେ ଅନୁଗୋଳରେ ରହୁଥିବାରୁ ଏ ସଂକ୍ରାନ୍ତରେ ସେଠାକାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ଅନୁଗୋଳ ପୋଲିସ ଏକ ମାମଲା(ନଂ.୩୦୮/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଦେବାଶିଷ ତାଙ୍କ ମୋବାଇଲ୍ ସିମ୍ କେୱାଇସି ଅପଡେଟ୍ କରିବାକୁ ଯାଇ ଏହି ଠକାମିର ଶିକାର ହୋଇଥିବା ଲିଖିତ ଅଭିଯୋଗରେ ଦର୍ଶାଇଛନ୍ତି।

## ଶ୍ରମିକଙ୍କୁ ମିଳିଲା ମଜୁରି

## ଧରିତ୍ରୀ ପ୍ରଭାବ

**ସାରସକଣା,୧୪।୬(ଡି.ଏନ.ଏ.)-** ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଶିର୍ଷା ହାଇସ୍କୁଲଠାରୁ ରୁଗୁଡ଼ିସାହି ରାସ୍ତାର ଉନ୍ନତିକରଣ ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ନିର୍ମାଣ ଚାଲିଛି। ତେବେ ଦୀର୍ଘ ୨ମାସରୁ ଊର୍ଦ୍ଧ୍ୱ ସମୟ ହେବ ଏହି ରାସ୍ତା କାମ କରିଥିବା ୫୦ରୁ ଅଧିକ ମହିଳା ଶ୍ରମିକଙ୍କୁ ମଜୁରୀ ଟଙ୍କା ମିଳୁ ନ ଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ସୋମବାର ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ସୋମବାର ଅପରାହ୍ନରେ ସମ୍ପୃକ୍ତ ଠିକାଦାର ସମସ୍ତ ଶ୍ରମିକଙ୍କୁ ମଜୁରୀ ପୈଠ କରିଥିବା ସୂଚନା ମିଳିଛି।

# ରୋଜଗାରିଆ ପୁଅ ଚାଲିଗଲା, ଚିନ୍ତାରେ ପରିବାର

**ଖଇରା, ୧୪।୬(ଡି.ଏନ.ଏ.)**

ରୋଜଗାରିଆ ପୁଅକୁ ହରାଇ ଦୁଃଖରେ ଭାଙ୍ଗିପଡିଛନ୍ତି ବାଲେଶ୍ୱର ଜିଲା ଖଇରା ବ୍ଲକ କଇଥଗଡିଆ ପଞ୍ଚାୟତ ସାନନୂଆଗାଁ ଗ୍ରାମର ୭୦ ବର୍ଷୀୟ ବୃଦ୍ଧ ଶ୍ରୀଧର ପାତ୍ର । ଏହି ବୟସରେ ନିଜକୁ ମିଶାଇ ୫ ପ୍ରାଣୀଙ୍କ ପେଟ ପୋଷିବା ଚିନ୍ତା। ପୁଅ ଦୁର୍ଯ୍ୟୋଧନ(୪୫) ହୃଦ୍‌ଘାତରେ ଆରପାରିକୁ ଚାଲିଗଲା ପରେ ବୃଦ୍ଧ ବାପାଙ୍କ ଉପରେ ଏକପ୍ରକାର ଚଡକ ପଡିଛି। ଗୋଟିଏପଟେ ସ୍ତ୍ରୀ, ୨ ଛୋଟ ନାତୁଣୀ ଦିବ୍ୟଜ୍ୟୋତି(୮), ହରଗୌରୀ (୫)ଙ୍କ ପେଟକୁ ଦାନା ଯୋଗାଇବା ଓ ପାଠ ପଢାଇବା ଚିନ୍ତା । ଅନ୍ୟପଟେ ମାନସିକ ଭାରସାମ୍ୟ ହରାଇ ସାରିଥିବା ବୋହୂଙ୍କ ଚିକିତ୍ସା ସହ ତାଙ୍କର ଦାୟିତ୍ୱ ନେବା । ଏଭଳି ସମୟରେ ସ୍ୱାମୀ ବିବେକାନନ୍ଦ ସାମାଜିକ ସଂସ୍ଥାନ ଓ ଜନହିତ ଯୁବକ ସଂଘର ସଦସ୍ୟମାନେ ଗ୍ରାମବାସୀଙ୍କ ସହ ମିଶି ଅନ୍ତ୍ୟେଷ୍ଟିକ୍ରିୟା ଓ ଏକାଦଶାହ କାର୍ଯ୍ୟ ଶେଷ କରିଥିଲେ।

ଦୁର୍ଯ୍ୟୋଧନ ଦାଦନ ଖଟିବାକୁ କର୍ଣ୍ଣାଟକ ଚାଲିଯାଇଥିଲେ। ତାଙ୍କର ରୋଜଗାରରେ ସ୍ତ୍ରୀ ଗୀତାଞ୍ଜଳି, ୨ ଝିଅ ଓ ମା' ବାପାଙ୍କ ଗୁଜୁରାଣ ମେଣ୍ଟୁଥିଲା। ୨ବର୍ଷ ତଳେ ସ୍ତ୍ରୀ ମାନସିକ ଭାରସାମ୍ୟ ହରାଇବା ପରେ ତାଙ୍କର ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିଲା। ଠିକ୍ ଏତିକିବେଳେ କୀଡ୍‌ନି ଓ ଲିଭର ରୋଗରେ ଆକ୍ରାନ୍ତ ହେଲେ ଦୁର୍ଯ୍ୟୋଧନ। ଅର୍ଥ ଅଭାବରୁ ତାଙ୍କର ଚିକିତ୍ସା କରାଯାଇ ପାରି ନ ଥିଲା। ଗତ ମାର୍ଚ୍ଚରେ ସେ ଘରକୁ ଚାଲି ଚାଲି ଆସିଥିଲେ। ଯାହା କିଛି ସମ୍ବଳ ଥିଲା ସେଥିରେ କିଛି ଔଷଧ ଖାଇ ବିଛଣାରେ ପଡି ପଡି ମେ' ୨୯ରେ ଆଖି ବୁଜିଥିଲେ। ଅବସର ବାୟୁସେନା ଅଧିକାରୀ ସତ୍ୟବ୍ରତ ନାରାୟଣ ବେହେରା ସାମାଜିକ ଗଣମାଧ୍ୟମରୁ ଖବରପାଇ ନିଜ ସଙ୍ଗଠନ ବିବେକାନନ୍ଦ ସଂସ୍ଥାନ ଜରିଆରେ କିଛି ଅର୍ଥ ଓ ଏକାଦଶାହ ପାଇଁ ଖାଦ୍ୟ ବ୍ୟବସ୍ଥା କରିଥିଲେ। କଣ ଖାଇବେ, କିଭଳି ପଢିବେ, ମାନସିକ ବିକାରଗ୍ରସ୍ତ ମା' ଓ ବୁଢୀମା ବୁଢାବାପାଙ୍କ ଦାୟିତ୍ୱ କିଏ ନେବ ବୋଲି ଦୁର୍ଯ୍ୟୋଧନଙ୍କ ବଡ ଝିଅ ଦିବ୍ୟଜ୍ୟୋତି କାନ୍ଦି କାନ୍ଦି କହିଛନ୍ତି।



ମା' ଗୀତାଞ୍ଜଳିଙ୍କ ସହ ଭଙ୍ଗାକୁଡିଆ ଆଗରେ ୨ ଭଉଣୀ ଦିବ୍ୟଜ୍ୟୋତି ଓ ହରଗୌରୀ।

**୫ ଅସହାୟ**

# ୭ବର୍ଷର ଭଉଣୀ କାନ୍ଧରେ ଦେଢ଼ମାସର ଭାଇ

**ଭୋଗରାଇ,୧୪।୬(ଡି.ଏନ.ଏ.)**

**ମା' ବାପାଙ୍କୁ ଛଡାଇନେଲା କରୋନା**

ମହାମାରୀ କରୋନା ଛଡ଼ାଇ ନେଇଛି ବହୁ ଜୀବନ। ଉଜାଡ଼ି ଦେଇଛି ସୁଖର ସଂସାର। କିଏ ମା'ଙ୍କୁ ହରାଇ ମା'ଛେଉଣ୍ଡ ପାଲଟିଥିବା ବେଳେ କିଏ ବାପାଙ୍କୁ ହରାଇ ପାଲଟିଛି ବାପଛେଉଣ୍ଡ। ଅନ୍ୟ କେଉଁଠି ମା' ବାପା ଦୁଇ ଜଣଙ୍କୁ ହରାଇ ପିଲାମାନେ ପାଲଟିଛନ୍ତି ଅନାଥ। ଏଭଳି ମା' ବାପାଙ୍କୁ ହରାଇଥିବା ୭ ବର୍ଷର ଝିଅ ହେଉଛନ୍ତି କ୍ରିଷ୍ଣା। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନିମାତ୍‌ପୁର ଗାଁରେ। ନିଜେ ମା' କୋଳରେ ବସି ଗେହ୍ଲା ହେବା ବୟସରେ ତାଙ୍କ କାନ୍ଧରେ ଏବେ ଦେଢମାସର ଭାଇର ଦାୟିତ୍ୱ। ଭାଇକୁ ଖୁଆଇବାଠାରୁ ଆରମ୍ଭ କରି ଦୋଳି କରି ଝୁଲାଇବା ପର୍ଯ୍ୟନ୍ତ ସେ ସବୁକିଛି କରୁଛନ୍ତି। ଦୁଇ ପିଲାଙ୍କ ଭବିଷ୍ୟତ ନେଇ ସ୍ଥାନୀୟ ବାସିନ୍ଦା ଏବେ ଚିନ୍ତାରେ।

କରୋନାରେ କମଲେଶ ପଣ୍ଡା (୩୬) ଓ ତାଙ୍କ ସ୍ତ୍ରୀ ସ୍ମିତା (୨୮)ଙ୍କ ଅକାଳ ମୃତ୍ୟୁ ହେବା ପରେ କ୍ରିଷ୍ଣା ଓ ଦେଢମାସର ଭାଇ ଏବେ ସ୍ନେହ ମମତାକୁ ଝୁରି ହେଉଛନ୍ତି। ଅନ୍ୟକୁ ଦେଖିଲେ କ୍ରିଷ୍ଣା ଆଖି ଛଳ ଛଳ କରି ଲୁହ ଗଡାଉଛି। ଦେଢ଼ମାସର ଭାଇ କ୍ଷୀର ପାଇଁ କାନ୍ଦୁଥିବା ବେଳେ ସେ ତା' ଭାଇ ପାଇଁ ବଡ଼ମା' ଓ ବଡ଼ବାପାଙ୍କଠାରୁ ଗାଈ କ୍ଷୀର ଆଣି ଖୁଆଉଛି। ଭାଇକୁ କାନ୍ଧରେ ପକାଇ ନାନା ବାୟା ଗୀତ ଗାଇ ଶୁଣାଉଛି। ବଡ଼ମା' ଓ ବଡ଼ବାପାଙ୍କ ପାଖରେ ରହୁଥିଲେ ମଧ ମା'ବାପାଙ୍କ କଥା ମନେ ପକାଇ ଗୁମୁରି ଗୁମୁରି କାନ୍ଦୁଛି। ବଡ଼ମା' ଓ ବଡ଼ବାପା ଅଭାବ ଅନାଟନ ମଧ୍ୟରେ ଦିନ କାଟୁଥିବା ବେଳେ କ୍ରିଷ୍ଣା ପାଠ ପଢ଼ିବାକୁ ଇଚ୍ଛା ପ୍ରକାଶ କରିଛି। ନିଜେ ପାଠ ପଢ଼ି ଭାଇକୁ ପାଠ ପଢ଼ାଇବ ବୋଲି ସେ କାନ୍ଦି କାନ୍ଦି କହୁଛି।



ଦେଢ଼ମାସର ଭାଇକୁ ଧରି ବୁଲାଉଛି କ୍ରିଷ୍ଣା।

# ନିଜ ଉଦ୍ୟମରେ ଠାକୁରାଣୀ ମଣ୍ଡପ ନିର୍ମାଣ



ଗ୍ରାମ ମୁଖିଆ ଲକ୍ଷ୍ମଣ ସାହୁ ମଣ୍ଡପର ଉଦ୍‌ଘାଟନ କରୁଛନ୍ତି।

**ଖଇରା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ପଞ୍ଚାୟତ ଅଧୀନ ବିଷ୍ଣୁପୁର ଗ୍ରାମର ମା' ମୁକ୍ତାଶୁଣି ଠାକୁରାଣୀଙ୍କ ପୂଜା ସମୟରେ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଗ୍ରାମବାସୀ ବହୁ ଦିନ ଧରି ଏକ ମଣ୍ଡପ ନିର୍ମାଣ ଲାଗି ଦାବି କରିଆସୁଥିଲେ। ଏଥିପାଇଁ ଗ୍ରାମବାସୀ କୌଣସି ନେତା ପ୍ରଶାସନକୁ ଗୁହାରୀ କରିବା ପରିବର୍ତ୍ତେ ଯୁବଗୋଷ୍ଠୀ ନିଜସ୍ୱ ଉଦ୍ୟମରେ ମଣ୍ଡପ ତିଆରି ପାଇଁ ଅଣ୍ଟା ଭିଡିଥିଲେ । ପ୍ରଥମ ରଜ ଅବସରରେ ଗ୍ରାମବାସୀଙ୍କ ଉପସ୍ଥିତିରେ ଏହି ପୂଜ ମଣ୍ଡପର ପୂଜାର୍ଚ୍ଚନା କରାଯିବା ସହ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ଲକ୍ଷ୍ମଣ ସାହୁଙ୍କ ଦ୍ୱାରା ଉଦ୍‌ଯାପିତ ହୋଇଯାଇଛି । ପଣ୍ଡିତ ଆଦିକନ୍ଦ ପଣ୍ଡା ମଣ୍ଡପର ପୂଜାର୍ଚ୍ଚନା କରିଥିଲେ। ମଣ୍ଡପ ନିର୍ମାଣରେ ମୁଖ୍ୟ ସହଯୋଗୀ ପ୍ରଦୀପ କୁମାର ସାହୁ, ଉମେଶ କୁମାର ଜେନା, ସନ୍ତୋଷ କୁମାର ଶତପଥୀ, ଧରଣୀଧର ପଣ୍ଡା, ନିନୀଲତା ଜେନା, ଜଗତାନନ୍ଦ ମହାନ୍ତି, ଦୟାନିଧି ଜେନା, କୈଳାସ ଗିରି, ଉଦ୍ଧବ ସାହୁ, ବସନ୍ତ ଜେନା, ଶତ୍ରୁଘ୍ନ ରାଉତ ଓ ଉମାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ଗୋଷ୍ଠୀଙ୍କର ଏଭଳି ଉଦ୍ୟମକୁ ପ୍ରଶଂସା କରାଯାଇଛି ।

## ପୋଖରୀରେ ବୁଡ଼ି ଯୁବକ ମୃତ

**ରୂପ୍‌ସା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଗଡ଼ପଦା ପଞ୍ଚାୟତ ବୁଧଖଣ୍ଡି ଗ୍ରାମର ପ୍ରଭୁଚରଣ ରାଉତ(୩୦) ନାମକ ଯୁବକ ସୋମବାର ପୋଖରୀରେ ଗାଧୋଉଥିବା ବେଳେ ବୁଡ଼ିଯାଇ ପ୍ରାଣ ହରାଇଛନ୍ତି। ସେ ଦୁବାଇରେ ଏକ କମ୍ପାନୀରେ ଚାକିରୀ କରୁଥିଲେ। କିଛିଦିନ ପୂର୍ବରୁ ସେ ଘରକୁ ପଳାଇ ଆସିଥିଲେ। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି।

# ରକ୍ତଦାନ, ବୃକ୍ଷରୋପଣ



ରକ୍ତଦାତାଙ୍କ ଗହଣରେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଓ ଅନ୍ୟ ଅତିଥି।

**ସିମୁଳିଆ, ୧୪।୬(ଡି.ଏନ.ଏ.)**

ରକ୍ତ ଅଭାବ ଦୂର ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ଅବର୍ଝୁଣା ପଞ୍ଚାୟତର ରାମକୃଷ୍ଣପୁର କାଞ୍ଚନକମଳା ଉଚ୍ଚ ବିଦ୍ୟାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଜୁ ଯୁବଜନତା, ବିଜୁ ଛାତ୍ର ଜନତା ଓ ବିଜୁ ମହିଳା ଜନତା ଦଳ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୋଟ ୮୨ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବ୍ଲକ ଅଧକ୍ଷା ଧରିତ୍ରୀ ମହାରଣା ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ରକ୍ତଦାତାମାନଙ୍କୁ ମାନପତ୍ର ପ୍ରଦାନ ସହ ରଜ ଅଭିନନ୍ଦନ ଜଣାଇଥିଲେ। ଜୀବନବିନ୍ଦୁର ବ୍ଲକ ସଂଯୋଜକ ଜୟନ୍ତ ନାୟକ, ଏମ୍‌ପି ପ୍ରତିନିଧି କ୍ଷିତିଶ କୁମାର ମହାନ୍ତି, ଯୁବ ସଭାପତି ଗଦାଧର ଜେନା ପ୍ରମୁଖ ସହଯୋଗୀ ଥିଲେ। ଚାରାରୋପଣ କରାଯାଇଥିଲା । ପରେ ୫ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁରୁଷୋତ୍ତମପୁର ପଞ୍ଚାୟତ ଅଣ୍ଡରାଇ ଆରଡି ରାସ୍ତାଠାରୁ ରଘୁନାଥପୁର ପର୍ଯ୍ୟନ୍ତ ରାସ୍ତାର ଉନ୍ନତୀକରଣ ପାଇଁ ଶୁଭ ଦିଆଯାଇଥିଲା।

## ରକ୍ତଦାନ ଶିବିର

**ବାଲେଶ୍ୱର ଅଫିସ, ୧୪।୬**

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରରେ ସୋମବାର ଅଖିଳ ଭାରତୀୟ ମହିଳା ସମ୍ମିଳନୀ ବାଲେଶ୍ୱର ଶାଖା ପକ୍ଷରୁ ବିଶ୍ୱ ରକ୍ତଦାନ ଦିବସ ପାଳିତ ହୋଇଛି। ଶିବିରରୁ ୩୦ ୟୁନିଟ୍‌ରୁ ଊର୍ଦ୍ଧ୍ୱ ରକ୍ତ ସଂଗୃହୀତ ହୋଇଥିଲା। ଜାତୀୟ ଉତ୍ତରାଞ୍ଚଳ ଜୋନ୍ ସଭାପତି ଅଞ୍ଜୁ ସାହା ସାରଓ୍ୱାନି ଶିବିରକୁ ଉଦ୍‌ଘାଟନ କରିଥିଲେ। ଜିଲା ରକ୍ତଭଣ୍ଡାର କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ଯୁବ ବ୍ୟବସାୟୀଙ୍କ ମୃତ୍ୟୁ

**ବାହାନଗା, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ଯୁବ ବ୍ୟବସାୟୀ ଶ୍ରୀ ଗଙ୍ଗାଘିଅର ମାଲିକ ମୁକେଶ କୁମାର ରାଠୀ(୩୭)ଙ୍କ ରବିବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ହେଲା କୀଡ୍‌ନିଜନିତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। କିଛି ଦିନ ତଳେ ତାଙ୍କର ଜଣେ ସମ୍ପର୍କୀୟଙ୍କ କୀଡ୍‌ନି ମୁକେଶଙ୍କ ଦେହରେ ରୋପଣ ହୋଇଥାନ୍ତା। ହଠାତ୍ ରବିବାର ସନ୍ଧ୍ୟାରେ ସେ ଅସୁସ୍ଥ ହୋଇପଡିବାରୁ ତାଙ୍କ ପରିବାର ଲୋକ ଓ ସମ୍ପର୍କୀୟମାନେ ତାଙ୍କୁ ଗୋପାଳପୁର ମେଡିକାଲ ଆଣି ଚିକିତ୍ସା କରିବା ପରେ ସେ ସୁସ୍ଥ ହୋଇଥିଲେ। ତେବେ ଅଧିକ ଚିକିତ୍ସା ଲାଗି ତାଙ୍କୁ ବାଲେଶ୍ୱର ମେଡିକାଲକୁ ନିଆଯାଉଥିବା ବେଳେ ପୁନର୍ବାର ସେ ରାସ୍ତାରେ ଅସୁସ୍ଥ ହୋଇପଡିଥିଲେ। ରାସ୍ତାରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ଘର ରାଜସ୍ଥାନରେ। ସେ ମାମୁ ଘରେ ରହି ମାମୁଙ୍କ ବ୍ୟବସାୟରେ ସହଯୋଗ କରୁଥିବା ବେଳେ ପରେ ନିଜେ ଏକ ବ୍ୟବସାୟ ଆରମ୍ଭ କରିଥିଲେ । ପରେ ଶ୍ରୀମନ୍ଦିର ଘିଅ ଓ ବିଭିନ୍ନ ସାମଗ୍ରୀର ହୋଲସେଲିଂ କରିବା ସହିତ ନିଜେ ଅନ୍ୟ ଏକ ଘିଅ ଶ୍ରୀଗଙ୍ଗା ଘିଅ ନାମରେ ତିଆର କରି ବ୍ୟବସାୟ କରୁଥିଲେ। ସେ ୧୮ରୁ ୨୦ଜଣ ବେକାରୀ ଯୁବକଙ୍କୁ ନିଯୁକ୍ତି କରି ରୋଜଗାରକ୍ଷମ କରାଇଥିଲେ। ମୁକେଶଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ ବାହାନଗା ବ୍ଲକ ସମେତ ବିଭିନ୍ନ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



ମୁକେଶ କୁମାର ରାଠୀ।

## ୪ ଲୁଗା ଦୋକାନ ସିଲ୍

**ରାଇରଙ୍ଗପୁର,୧୪।୬(ଡି.ଏନ.ଏ.)**

କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ସହରାଞ୍ଚଳରେ ଥିବା ୪ ଦୋକାନକୁ ସୋମବାର ପ୍ରଶାସନ ସିଲ୍ କରିଛି। ତହସିଲଦାର ଯୋଗ ରଞ୍ଜନ ନାୟକ, ପୌର ପରିଷଦ ନିର୍ବାହୀ ଅଧିକାରୀ ଭାଗବତ ପ୍ରସାଦ ମହାପାତ୍ର, ଟାଉନ ଥାନା ଅଧିକାରିଣୀ ରେଣୁବାଳା ସାହୁ ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।

## ମୁଖ୍ୟ ଅଭିଯୁକ୍ତ ଗିରଫ

**ବାରିପଦା ଅଫିସ, ୧୪।୬**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ମହୁଲବଣୀ ଗ୍ରାମର ଜଣେ ନାବାଳକଙ୍କୁ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ ପରେ କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଭଦ୍ରାଶୋଳ ଗ୍ରାମର କମଳଲୋଚନ ମହାନ୍ତ। କମଳଲୋଚନଙ୍କୁ ବେତନଟୀ ଥାନା ଅଧୀନ ପଣସିଆ ଗ୍ରାମରୁ ଗିରଫ କରାଯାଇଥିବା ପୋଲିସ ସୂଚନା ଦେଇଛି।

# ଦୁର୍ଗାବାହିନୀ ପକ୍ଷରୁ ରଜ ଉତ୍ସବ

**ବାଲେଶ୍ୱର ଅଫିସ,୧୪।୬**

ବାଲେଶ୍ୱର ସହଦେବଖୁଣ୍ଟାସ୍ଥିତ ଦୁର୍ଗା ବାହିନୀ ଜିଲା କାର୍ଯ୍ୟାଳୟରେ ସୋମବାର କୋଭିଡ୍ ନିୟମକୁ ପାଳନ କରି ରଜ ଉତ୍ସବ ପାଳନ କରାଯାଇଛି। ଏହି ଅବସରରେ ମା' ଭଉଣୀମାନଙ୍କୁ ଅଳତା ଲଗାଇବା ସହ କୁନିକିଶୋରୀ ଭଉଣୀମାନଙ୍କୁ 'ରଜ ସଜବାଜ ପେଡ଼ି' ପ୍ରଦାନ କରାଯାଇଥିଲା। ରଜପର୍ବ ଦିନର ମହତ୍ତ୍ୱକୁ ସମାଜ ଆଗରେ ଉପସ୍ଥାପନ ପୂର୍ବକ ଏକ ଅନନ୍ୟ ଉଦାହରଣ ତିଆରି କରିବାରେ ସସ୍ମିତା ସାହୁ, କସ୍ତୁରୀ ସରକାର, ନଗର ସଂଯୋଜିକା ହେମଲତା ସାହୁ, ସଦର ସଂଯୋଜିକା ମାନସୀ ଜେନା, ଭଉଣୀ ଆରତୀ ବେହେରା, କଳ୍ପନା ପ୍ରଧାନ, ରୁକମଣୀ ପାତ୍ର, ଯୁଗଶ୍ରୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଦୁର୍ଗା ବାହିନୀ କାର୍ଯ୍ୟାଳୟରେ ରଜ ଉତ୍ସବ ପାଳନ କରାଯାଉଛି।

# ୭୦ ଚାଷୀଙ୍କୁ ହଳଦୀ ବିହନ ବଣ୍ଟନ

**ବାରିପଦା ଅଫିସ,୧୪।୬**

ମୟୂରଭଞ୍ଜ ଜିଲା ବାରିପଦା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପକ୍ଷରୁ ଉନ୍ନତ କିସମର ହଳଦୀ ଚାଷ ପାଇଁ ଚାଷୀଙ୍କୁ ବିହନ ବଣ୍ଟନ କରାଯାଇଛି। ସାରସକଣା ବ୍ଲକ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତର ୭୦ଜଣ ଆଦିବାସୀ ବର୍ଗର ଚାଷୀଙ୍କୁ ଏହି ବିହନ ପ୍ରଦାନ କରାଯାଇଛି। ହଳଦୀ ଏକ ଲାଭଜନକ ଫସଲ। ଏହି ଚାଷକୁ ଜୈବିକ ପଦ୍ଧତିରେ କରିବା ଦ୍ୱାରା ଚାଷୀମାନଙ୍କର ରୋଜଗାର ବୃଦ୍ଧି ହେବା ସହିତ ଆର୍ଥିକ ବିକାଶ ହୋଇପାରିବ ବୋଲି ପ୍ରକଳ୍ପ ପ୍ରଶାସକ ବସନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି। ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଉପଜାତି ବିଭାଗର ମିଶନ ଜୀବିକା ଯୋଜନାରେ ପୁରୁଣିଆ ପଞ୍ଚାୟତର କୁଲ୍‌ଡିହା, ପାକଟିଆ, ମୁଣ୍ଡାବଣୀ ଓ ଡମଣସାହି ଗ୍ରାମର ଆଦିବାସୀ ବର୍ଗର ପ୍ରତ୍ୟେକ ଚାଷୀଙ୍କୁ ୫୦ ଡିସିମିଲ୍ ଜମିରେ ହଳଦୀ ଚାଷ ପାଇଁ ମୋଟ୍ ୩ କୁଇଣ୍ଟାଲ ଉନ୍ନତ କିସମର ହଳଦୀ ବିହନ ବଣ୍ଟନ କରାଯାଇଛି। ପର୍ଯ୍ୟାୟ କ୍ରମେ ଉକ୍ତ ଚାଷୀମାନଙ୍କୁ ସାର ମଧ ଯୋଗାଇ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଆଇଟିଏ ପ୍ରକଳ୍ପ ପରିଚାଳକ ଓ ଜୀବନ ଜୀବିକା ବିଶେଷଜ୍ଞ ପ୍ରମୁଖ ଉପସ୍ଥିତ ରହି ଚାଷୀମାନଙ୍କୁ ହଳଦୀ ଚାଷ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ।



ଚାଷୀଙ୍କୁ ହଳଦୀ ବିହନ ବଣ୍ଟନ କରାଯାଉଛି।

## ମହିଳାଙ୍କୁ ହତ୍ୟା ଅଭିଯୋଗ

**ଖୁଣ୍ଟା,୧୪।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ କେନ୍ଦୁଗ ଗ୍ରାମରେ ଜଣୈକା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଶାଶୁ ଘର ଲୋକେ ତାଙ୍କୁ ହତ୍ୟା କରିଥିବା ନେଇ ମୃତ ମହିଳାଙ୍କ ବାପ ଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା(ନଂ.୧୭୨/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତକ ହେଲେ ଛୁଟୁ ବାବୁ ସିଂଙ୍କ ସ୍ତ୍ରୀ ସୁମୀ।

ପୋଲିସ ସୂଚନା ଅନୁଯାୟୀ, ରବିବାର ମଧ୍ୟାହ୍ନରେ ଗର୍ଭବତୀ ଥିବା ସୁମୀ ବେକରେ ଫାଶିଲଗାଇ ଆତ୍ମହତ୍ୟା କରିଥିବା ନେଇ ସ୍ୱାମୀ ଛୁଟୁ ବାବୁ ତାଙ୍କ ବାପ ଘରକୁ ଖବର ଦେଇଥିଲେ। ବାପ ଘର ଲୋକେ ପହଞ୍ଚିଲା ବେଳକୁ ଝୁଲନ୍ତା ଅବସ୍ଥାରେ ଥିବା ମୃତଦେହକୁ ଶାଶୁଘର ଲୋକେ ତଳକୁ ଓହ୍ଲାଇ ଦେଇଥିଲେ। ଏଥିରେ ସନ୍ଦେହ ପ୍ରକାଶ କରି ମୃତ ସୁମୀଙ୍କ ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଛୁଟୁଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

# ସାନ୍ତାଳୀ ନୃତ୍ୟ ଗୀତରେ କରୋନା ସଚେତନତା




ଲୋକକଳା ଦିବସରେ ମହିଳାମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ବାରିପଦା ଅଫିସ,୧୪।୬**

**ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଲୋକକଳା ଦିବସ**

ମୟୂରଭଞ୍ଜ ଜିଲାରେ ବସବାସ କରୁଥିବା ବିଭିନ୍ନ ଲୋକକଳାର ପ୍ରଚାର ପ୍ରସାର ସହ ଏହାର ସୁରକ୍ଷା ପାଇଁ ଲୋକକଳା ଦିବସ ପାଳିତ ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଜିଲା ସଂଯୋଜକ ଦୀପକ କୁମାର ନାୟକଙ୍କ ନେତୃତ୍ୱରେ ବାରିପଦା ବ୍ଲକ ହାତୀକୋଟ ପଞ୍ଚାୟତ ଅନ୍ତର୍ଗତ ଜାମଦାପାଳ ଗ୍ରାମରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। କଳାକାରମାନେ ସାନ୍ତାଳି ନୃତ୍ୟ ଗୀତ ମାଧ୍ୟମରେ କରୋନା ସଚେତନତା ଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସେହିପରି ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜ୍ୟସ୍ତରରେ ଏହି ଲୋକକଳା ଦିବସକୁ ଭର୍ଚୁଆଲ ମାଧ୍ୟମରେ ପାଳନ କରାଯାଇଥିଲା। ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ସଦସ୍ୟ ରମାକାନ୍ତ ରାଉତ, ଦିଲ୍ଲୀପ କୁମାର ପାତ୍ର, ଜୟ ବୋଷ, ଗଣେଶ ଚନ୍ଦ୍ର ମହାନ୍ତ, ସାମଲ କୁମାର ମାଝି ପ୍ରମୁଖ ପରିଚାଳନା କରିଥିଲେ। ରାଜ୍ୟସ୍ତରରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ଆବାହକରବିନାରାୟଣ ନନ୍ଦଙ୍କ ତତ୍ତ୍ୱାବଧାନ କ୍ରମେ ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବ୍ୟକ୍ତିଗତ ଜାଗାରେ ରାସ୍ତା ନିର୍ମାଣ

**ଠାକୁରମୁଣ୍ଡା,୧୪।୬(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ବ୍ଲକ ହାତୀଗୋଡ଼ା ପଞ୍ଚାୟତ ଅଧୀନ କାଦପାଣିଠାରୁ ହାତୀଗୋଡ଼ା ପର୍ଯ୍ୟନ୍ତ ମାଟି ମୋରମ ରାସ୍ତା କାମ ଚାଲିଛି। ତେବେ ହାତୀଗୋଡ଼ା ଗ୍ରାମର କୁମାନ ଟୁବିଟଙ୍କ ବ୍ୟକ୍ତିଗତ ଟିକଟ ଭୁକ୍ତ ଜାଗା (ଖାତା ନଂ.୧୬୭/୧୪୦ ଓ ପ୍ଲଟନଂ.୧୮) ଦେଇ ରାସ୍ତା ନିର୍ମାଣ ହେଉଥିବା ସ୍ଥାନୀୟ ସରପଞ୍ଚଙ୍କଠାରେ ସେ ଲିଖିତ ଅଭିଯୋଗ କରିଛନ୍ତି। କାମ ବନ୍ଦ କରି ରାଜସ୍ୱ ବିଭାଗ ଦ୍ୱାରା ମାପ କରାଯିବାକୁ ଜାଗା ମାଲିକ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତ ପକ୍ଷରୁ ଗ୍ରାମ ରୋଜଗାର ସେବକଙ୍କ ନାମରେ କାର୍ଯ୍ୟାଦେଶ ଥାଇ ୭ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏହି ରାସ୍ତା ନିର୍ମାଣ ଚାଲିଛି।

